# ପିଲାଙ୍କ ଧରିତ୍ରୀ



୨ ଗପ



୬ କବିତା



୬ ଜଣା ଅଜଣା




୩ ପ୍ରଚ୍ଛଦ

# ଲକ୍ଷ୍ୟର ପଥ


ଗପ

ସହରର ସୀମାନ୍ତରେ ଥିବା ଏକ ଛୋଟ ଗାଁ ସ୍କୁଲ୍। ସେଇଠି ପଢୁଥିଲା ମାଧବ। ମାଧବ ପାଠପଢ଼ାରେ ଅତି ଦୁର୍ବଳ ଥିଲା। ବିଜ୍ଞାନ ହେଉ କି ଗଣିତ, ସବୁ ବିଷୟ ତା' ପାଇଁ ଦୁର୍ବୋଧ ଭଳି ମନେ ହେଉଥିଲା। ବାରମ୍ବାର ପରୀକ୍ଷାରେ ଖରାପ ମାର୍କ ରଖିବା ଯୋଗୁ ସାଙ୍ଗସାଥୀମାନେ ତାକୁ ପରିହାସ କରୁଥିଲେ। ଧୀରେ ଧୀରେ ମାଧବର ମନ ଭାଙ୍ଗିଗଲା। ସେ ଭାବିଲା, ପାଠପଢ଼ା ତା ଦ୍ୱାରା ଆଉ ହେବନି। ତେଣୁ ସେ ସ୍କୁଲ ଛାଡି ବାପାଙ୍କ ସହ ବିଲରେ କାମ କରିବ ବୋଲି ଭାବିଲା।

ଏସବୁ କଥା ଚିନ୍ତା କରି ଦିନେ ଶ୍ରେଣୀ ଶେଷରେ ମାଧବ ଏକା ବସି କାନ୍ଦୁଥିଲା। ସେହି ସମୟରେ ତାଙ୍କର ପ୍ରିୟ ପ୍ରଧାନ ଶିକ୍ଷକ 'ଦାସ ସାର୍' ସେଠାକୁ ଆସିଲେ। ସେ ମାଧବର ମୁଣ୍ଡରେ ହାତ ରଖି ପଚାରିଲେ, 'କ'ଣ ହେଲା ମାଧବ? ତୁ ଆଜି ଏମିତି କାହିଁକି ବସିଛୁ?'

ମାଧବ କାନ୍ଦିକାନ୍ଦି କହିଲା, ''ସାର୍, ମୁଁ ବହୁତ ଚେଷ୍ଟା କରୁଛି, କିନ୍ତୁ କିଛି ବୁଝିପାରୁନି। ମୁଁ ଜଣେ ଅଯୋଗ୍ୟ ଛାତ୍ର। ପଢ଼ା ଛାଡ଼ି ଦେବାକୁ ଚାହୁଁଛି।''

ଦାସ ସାର୍ ହସିଲେ ଏବଂ ତାକୁ ଝରକା ବାହାରେ ଥିବା ଏକ ବରଗଛ ଦେଖାଇ କହିଲେ, ''ମାଧବ, ସେହି ଗଛକୁ ଦେଖ। ସେଥିରେ ଅନେକ ପକ୍ଷୀ ବସା ବାନ୍ଧିବାକୁ ଚେଷ୍ଟା କରନ୍ତି। କିଛି ଥର ପବନରେ ବସାଟି ଭାଙ୍ଗିଯାଏ, କିନ୍ତୁ ପକ୍ଷୀଟି ପୁଣି ଥରେ ତିଆରି କରେ। ସେ କେବେ ହାର ମାନେନି।''




ସାର୍ ତାକୁ ପାଖକୁ ଡାକି କହିଲେ, ''ମନେରଖ ମାଧବ, ପରିଶ୍ରମ ବଳରେ ସବୁକିଛି ସମ୍ଭବ ହୋଇଥାଏ। ତେଣୁ ତୋର ପାଠ ହେବନି ବୋଲି ଭାବିବୁ ନାହିଁ। ଯଦି ଆତ୍ମବିଶ୍ୱାସ ଦୃଢ଼ କରିପାରିବୁ ତାହେଲେ ସଫଳତା ନିଶ୍ଚୟ ପାଇବୁ। ଯଦି ହାରିଗଲି ବୋଲି ଭାବିବୁ, ତେବେ କେହି ତୋତେ ଜିତାଇ ପାରିବେ ନାହିଁ। ତେଣୁ ମୋ କଥା ମାନି ଆଉ ଥରେ ଚେଷ୍ଟା କର, ନିଶ୍ଚୟ ସଫଳତା ପାଇବୁ।

ସାର୍‌ଙ୍କର ସେହି ଦୁଇପଦ କଥା ମାଧବର ହୃଦୟକୁ ସ୍ପର୍ଶ କଲା। ସେଦିନ ରାତିରୁ ମାଧବର ଜୀବନଶୈଳୀ ବଦଳିଗଲା। ସେ ପ୍ରଶ୍ନ ପଚାରିବାକୁ ଡରିଲାନି। ସାର୍ ମଧ ତାକୁ ଅତି ସହଜ ଉପାୟରେ ପାଠ ବୁଝାଇଲେ।

କିଛି ମାସ ପରେ ବାର୍ଷିକ ପରୀକ୍ଷାଫଳ ବାହାରିଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ! ମାଧବ କେବଳ ପାସ୍ କରି ନ ଥିଲା ବରଂ ସମଗ୍ର ଶ୍ରେଣୀରେ ଦ୍ୱିତୀୟ ସର୍ବାଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲା। ଯେତେବେଳେ ଦାସ ସାର୍ ତାକୁ ପୁରସ୍କାର ଦେଲେ, ମାଧବର ଆଖିରେ ଖୁସିର ଲୁହ ଥିଲା। ସେ ବୁଝିପାରିଲା ଯେ, ''ସଫଳତା ପାଇଁ ପ୍ରତିଭା ଅପେକ୍ଷା ସଠିକ୍ ପରାମର୍ଶ ସହିତ ଧୈର୍ଯ୍ୟ ଓ ନିଷ୍ଠାର ସହିତ ପରିଶ୍ରମ ଜରୁରୀ। ବିଫଳତା ହେଉଛି ସଫଳତାର ଏକ ସୋପାନ। ଯଦି ଆମେ ଆତ୍ମବିଶ୍ୱାସ ସହିତ ଆଗକୁ ବଢ଼ିବା, ତେବେ କୌଣସି ଲକ୍ଷ୍ୟ ଅସାଧ ନୁହେଁ।

**ଡ. ସନ୍ତୋଷ କୁମାର ପଣ୍ଡା**
କଟକ, ମୋ: ୮୨୪୯୦୨୧୪୨୪




## ଖିଲି ଖିଲି ହସ

ରିଙ୍କି: ପିଙ୍କି କହିଲୁ, ଆଖିର ଭାଇକୁ ଆମେ କ'ଣ କହି କହିଥାଉ ?
ପିଙ୍କି: ଜଣା ନାହିଁ , ତୁ କହିଦେ ।
ରିଙ୍କି : ଆଇ ବ୍ରୋ !

ମିକିର ଦେହ ଅସୁସ୍ଥ ହେବାରୁ ସେ ଡାକ୍ତରଙ୍କ ନିକଟକୁ ଗଲା।
ଡାକ୍ତର: ମିକି , ଏହି ଔଷଧଟା ନିଅ ଆଉ ଦିନରେ ଚାରି ଚାମଚ ଖାଇବ।
ମିକି : ତେବେ ତ ମୁଁ ଏହି ଔଷଧ ଖାଇପାରିବି ନାହିଁ ଅଙ୍କଲ।
ଡାକ୍ତର: କାହିଁକି ?
ମିକି: ମୋ ଘରେ ତ ଦୁଇଟା ଚାମଚ ଅଛି ମୁଁ ଚାରି ଚାମଚ କେମିତି ଖାଇବି!


# ପାଣିରେ ଭାସେ ଫୁସ୍‌ଫୁସ୍



ଶରୀର ବିଜ୍ଞାନ ସମ୍ପର୍କରେ ଅନେକ ରୋଚକ କଥା ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

- ମଣିଷର ମସ୍ତିଷ୍କ ତା' ମୋଟ ଓଜନର ମାତ୍ର ୨ ପ୍ରତିଶତ କିନ୍ତୁ ଏଥିରେ ଶରୀରର ମୋଟ ଉର୍ଜାର ୨୦ ପ୍ରତିଶତ ଖର୍ଚ୍ଚ ହୋଇଥାଏ।
- ଯେକୌଣସି କମ୍ପ୍ୟୁଟର ତୁଳନାରେ ମସ୍ତିଷ୍କ ଅଧିକ ତଥ୍ୟ ମନେ ରଖିପାରିବ।
- ମସ୍ତିଷ୍କ ସବୁବେଳେ ନୂତନ ତଥ୍ୟ ଗ୍ରହଣ କରୁଥାଏ।
- ଜଣେ ବ୍ୟକ୍ତିର ଦିନକୁ ୧୦୦,୦୦୦ ଥର ହୃତ୍‌ସ୍ପନ୍ଦନ ହୋଇଥାଏ।
- ଏକ ମିନିଟ୍‌ରେ ହାର୍ଟ ୫ ଲିଟର ରକ୍ତ ସଞ୍ଚାଳନ କରିଥାଏ।
- ଶରୀର ଗଠନ ପ୍ରକ୍ରିୟାରେ ସର୍ବପ୍ରଥମେ ହାର୍ଟ ହିଁ ରୂପ ନେଇଥାଏ।
- ହୃଦୟ (ହାର୍ଟ)ରେ ଚାରୋଟି ପ୍ରକୋଷ୍ଠ ରହିଥାଏ। ଏଥିରେ ଦୁଇଟି ଆଟ୍ରିଅମ୍ ଓ ଦୁଇଟି ଭେଣ୍ଟ୍ରିକଲ୍ସ ରହିଛି।
- ଫୁସ୍‌ଫୁସ୍‌ରେ ପ୍ରାୟ ୩୦୦ ଆଲଭେଓଲି ରହିଥାଏ। ଆଲଭେଓଲି ହେଉଛି ଏଭଳି ଏକ ବାୟୁଥଳି ଯେଉଁଠାରେ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ଗ୍ୟାସ୍ ବିନିମୟ ହୋଇଥାଏ।
- ଫୁସ୍‌ଫୁସ୍ ହେଉଛି ଏକମାତ୍ର ଅଙ୍ଗ ଯାହା ପାଣିରେ ଭାସିଥାଏ।
- ମଣିଷର ପେଟ (ପାକସ୍ଥଳୀ)ର ଆକାର ଏକ ଫୁଟବଲ୍ ଭଳି ଏବଂ ଏଥିରେ ୧ ଲିଟର ଖାଦ୍ୟ ରହିପାରେ।
- ପାକସ୍ଥଳୀରେ ହାଇଡ୍ରୋଲିକ୍ ଏସିଡ୍ ତିଆରି ହୋଇଥାଏ, ଯାହା ଖାଦ୍ୟ ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ।

## ତୁମ ପାଇଁ ପତ୍ରିକା




**ମୋ ଆଶା:** ତ୍ରୟମାସିକ ଶିଶୁ-କିଶୋର ପତ୍ରିକାର ଶୀତ ସଂଖ୍ୟା(ଜାନୁଆରୀ-ମାର୍ଚ୍ଚ)ରେ ରହିଛି ମୋଚି ଓ ସୁବର୍ଣ୍ଣ କଙ୍କଣ, ବାହାପିଆ ମୂଷା ଓ କାଳି ବିଲେଇ, ଘାସଫୁଲ, ପରୀକ୍ଷାର ଭୟ, ସଡ଼କ ନିୟମ ଏବଂ ଯଦୁମଣିଙ୍କ ଚଉପଦୀ ରହସ୍ୟ ପରି କେତୋଟି ଗଳ୍ପ ଏବଂ କବିତା। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୨୦ଟଙ୍କା। ଯୋଗାଯୋଗ- **ପାଟପୁର, ନିମାପଡ଼ା, ପୁରୀ।**

## ମତାମତ

❖ ତୁମତୂଳୀରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହୋଇଥିଲା।

**- ରୋଶନୀ ସାହୁ, ବାଲିକୁଦା, ଜଗତ୍‌ସିଂହପୁର**

❖ ଜଣା-ଅଜଣାରେ ପ୍ରକାଶିତ ଖୋଲା ଜେଲ, ସବୁଠାରୁ ପୁରୁଣା ରେଲ୍‌ୱେ ଷ୍ଟେଶନ ପଢ଼ି ଏସବୁ ବିଷୟରେ ଜାଣିହେଲା।

**- ଜୟଦେବ ରାଉତ, ରାଜକନିକା, କେନ୍ଦ୍ରାପଡ଼ା**

❖ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହୋଇଥିବା କୁନି ଜିମ୍‌ନାଷ୍ଟ ସମ୍ପର୍କରେ ଜାଣିହେଲା। କମ୍ ବୟସରେ ତାଙ୍କର ଏହି ବିରଳ ଦକ୍ଷତା ଆଶ୍ଚର୍ଯ୍ୟ ଲାଗିଲା।

**- ତୁହିନା ସ୍ୱାଇଁ, କେନ୍ଦୁଝର**

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ଜ୍ଞାନର ଗନ୍ତାଘର

**ବର୍ତ୍ତମାନର ଡିଜିଟାଲ ଯୁଗରେ ଖବର କାଗଜ ପଢ଼ିବା ପାଇଁ ପିଲାଙ୍କର ଆଗ୍ରହ କମିଯାଉଛି। ହେଲେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଅନେକ ଦିଗରୁ ଏହା ଗୁରୁତ୍ୱପୂର୍ଣ୍ଣ। ଜ୍ଞାନ ବୃଦ୍ଧି କରିବା ସହ ଭବିଷ୍ୟତ ପାଇଁ ବିଭିନ୍ନ କ୍ଷେତ୍ରରେ ସଫଳତା ଆଣି ଦେଇଥାଏ ଏହି ଅଭ୍ୟାସ। ଏହି ଦୃଷ୍ଟିରୁ ପିଲାମାନେ ଛୋଟବେଳରୁ ଖବର କାଗଜ ପଢ଼ିବା ଦରକାର।**

ଖବର କାଗଜ ଏଭଳି ଏକ ମାଧ୍ୟମ ଯେଉଁଠି ସବୁ ବିଷୟ ଓ ସବୁ ଅଞ୍ଚଳ ସମ୍ପର୍କରେ ବିଭିନ୍ନ ପ୍ରକାରର ତଥ୍ୟ ରହିଥାଏ। ଦେଶ ବିଦେଶ ସମ୍ପର୍କରେ ବି ବହୁତ କିଛି ଜାଣିବାକୁ ମିଳିଥାଏ। ଯିଏ ପଢ଼ିବ ସିଏ ଜାଣିବ। ଆଉ ସବୁ ବିଷୟରେ ଖବର ଜାଣିଥିଲେ ତାହା ଜ୍ଞାନର ପରିସରକୁ ବୃଦ୍ଧି କରିବ। କହିବାକୁ ଗଲେ ସାଧାରଣ ଜ୍ଞାନ ବଢ଼ାଇବାକୁ ହେଲେ ଏହା ଏକ ସୁନ୍ଦର ମାଧ୍ୟମ ହୋଇପାରିବ। ପିଲାଙ୍କର ସର୍ବାଙ୍ଗୀନ ବୌଦ୍ଧିକ ବିକାଶ ନିମନ୍ତେ ଖବର କାଗଜର ଏକ ବିଶେଷ ଭୂମିକା ରହିଛି, ଏକଥା ପିଲାମାନେ ମଧ୍ୟ ଜାଣିବା ଦରକାର।



## ଜ୍ଞାନ ବଢ଼ିବ

ନିୟମିତ ଖବର କାଗଜ ପଢ଼ିଲେ ପିଲାଙ୍କର ସାଧାରଣ ଜ୍ଞାନ ବହୁତ ବଢ଼ିବ। କାରଣ ଖବର କାଗଜରେ ପ୍ରତି ଦିନର ବିଭିନ୍ନ ଘଟଣାବଳୀ ସମ୍ପର୍କରେ ବିସ୍ତୃତଭାବରେ ବର୍ଣ୍ଣନା ହୋଇଥାଏ। ତେଣୁ ରାଜ୍ୟ ତଥା ଦେଶବିଦେଶର ସବୁ ଖବର ସମ୍ପର୍କରେ ଏଥିରୁ ଜାଣିହୁଏ। ଫଳରେ ଭବିଷ୍ୟତରେ ପିଲାମାନେ ଇତିହାସ, ରାଜନୀତି ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା ସଂସ୍କୃତି ତଥା ସାଧାରଣ ଜ୍ଞାନ ଆଦି ବିଭିନ୍ନ କ୍ଷେତ୍ରରେ ତଥ୍ୟ ସବୁ ହାସଲ କରିପାରନ୍ତି। ଏହା ବ୍ୟତୀତ ସବୁ ବିଷୟ ତଥା ସବୁ ବର୍ଗର ପାଠକଙ୍କ ପାଇଁ ଖବର କାଗଜରେ ବିଭିନ୍ନ ଉପାଦେୟ ତଥ୍ୟ ରହିଥାଏ। ବିଭିନ୍ନ ପ୍ରକାରର ଲେଖକ, ସ୍ତମ୍ଭକାର ଓ ବିଶେଷଜ୍ଞମାନେ ସେମାନଙ୍କ ମତାମତ ମାଧ୍ୟମରେ ବହୁ ତଥ୍ୟ ଉପସ୍ଥାପନ କରିଥାନ୍ତି। ତେଣୁ ପିଲାଙ୍କୁ ନିଜ ନିଜ କ୍ଷେତ୍ରରେ ଆଗକୁ ଯିବା ପାଇଁ ଏଥି ମଧ୍ୟରୁ ପ୍ରେରଣା ମିଳିଥାଏ। ପିଲାମାନେ ଯଦି ସବୁ ଦିନ ଖବର କାଗଜ ପଢୁଥିବେ ତା'ହେଲେ ନିଶ୍ଚିତଭାବରେ ସେମାନଙ୍କ ଜ୍ଞାନ ବୃଦ୍ଧି ହୋଇପାରିବ ଏଥିରେ ସନ୍ଦେହ ନାହିଁ। କିନ୍ତୁ ପଢ଼ା ବହି ଭଳି ଖବର କାଗଜ ପଢ଼ିବା ପାଇଁ ସିଲାବସ୍‌ରେ ବାଧ୍ୟତାମୂଳକ ନ ଥାଏ। ହେଲେ ସବୁ ପ୍ରକାରର ପାଠରେ ଆଗକୁ ଯିବାପାଇଁ ଏହା ବିଭିନ୍ନ ଭାବରେ ସାହାଯ୍ୟ କରିଥାଏ।

## ଏକାଗ୍ରତା

ସବୁଦିନ ଖବରକାଗଜ ପଢ଼ିବା ଫଳରେ ପିଲାଙ୍କର ଏକ ନିର୍ଦ୍ଦିଷ୍ଟ ଦିଗରେ ମନ ରହିବ। ପଢିବାରେ ଫୋକସ୍ ରହିବ, ତେଣୁ ଧୀରେ ଧୀରେ ଏକାଗ୍ରତା ବୃଦ୍ଧି ପାଇବ। ଲମ୍ବା ଆର୍ଟିକଲ ସବୁ ପଢ଼ିବା ଦ୍ୱାରା ଅଧିକ ସମୟ ଗୋଟିଏ ସ୍ଥାନରେ ବସି ପଢ଼ିବା ଅଭ୍ୟାସ ହେବ। ଅଧିକ ଦିନ ଧରି ଏହି ଅଭ୍ୟାସ ଜାରି ରଖିଲେ ଧୀରେ ଧୀରେ ଡିଜିଟାଲ ସ୍କ୍ରିନ୍‌ଠାରୁ ମଧ୍ୟ ଦୂରେଇ ରହିବା ସହଜ ହୋଇପାରିବ।

## ଫେକ୍ ନ୍ୟୁଜ୍

ସୋସିଆଲ ମିଡିଆରେ ଅନେକ ସମୟରେ ଭୁଲ୍ ଖବର ଓ ଅତିରଞ୍ଜିତ ଖବର ପ୍ରକାଶ ପାଇଥାଏ। କିନ୍ତୁ ଖବର କାଗଜରେ ଯେଉଁ ଖବର ପ୍ରକାଶ ପାଇଥାଏ ତାହା ସମ୍ପୂର୍ଣ୍ଣ ସତ୍ୟ ଓ ତଥ୍ୟଭିତ୍ତିକ। ତେଣୁ ପିଲାମାନେ କୌଣସି ବିଷୟରେ ନିର୍ଭୁଲ ତଥା ଅଧିକ ଜାଣିବା ପାଇଁ ଏହା ଏକ ସୁନ୍ଦର ମାଧ୍ୟମ।

କେବଳ ସେତିକି ନୁହେଁ ଏଥିରେ ପ୍ରକାଶ ପାଉଥିବା ବିଭିନ୍ନ ଗପ କବିତା ଓ ଫିଚର ମାଧ୍ୟମରେ ପିଲାଙ୍କର ସାମାଜିକ ସଚେତନତା ମଧ୍ୟ ବୃଦ୍ଧି ପାଇଥାଏ।

ଏସବୁ ବ୍ୟତୀତ ପିଲାମାନେ ଖବର କାଗଜ ପଢ଼ିବା ଫଳରେ ଅନେକ ନୂଆ ଶବ୍ଦ ଶିଖିବାକୁ ପାଇଥାନ୍ତି। ସେମାନଙ୍କର ଭାଷାଭିତ୍ତିକ ବ୍ୟାକରଣ ମଧ୍ୟ ଠିକ୍ ହୋଇଥାଏ। ତେଣୁ କୌଣସି ପ୍ରକାରର କ୍ରିଏଟିଭ୍ କାମ କରିବାକୁ ଚାହୁଁଥିବା ପିଲାମାନେ ଏହି ମାଧ୍ୟମକୁ ବ୍ୟବହାର କରି ଉପକୃତ ହୋଇଥାନ୍ତି। ଏଭଳି ବିଭିନ୍ନ ଦିଗକୁ ବିଚାରକୁ ନେଲେ ପିଲାମାନେ ଛୋଟବେଳୁ ଖବରକାଗଜ ପଢ଼ିବା ଅଭ୍ୟାସ କରନ୍ତୁ।

## ଏମାନେ କ'ଣ କରନ୍ତି

### ସବୁଦିନ ପଢ଼େ

ଆମ ଘରକୁ ୨ଟା ଖବର କାଗଜ ଆସେ। ବାପା ମତେ ସବୁଦିନ ପଢ଼ିବାକୁ କହନ୍ତି। ବେଳେବେଳେ ବଡ଼ପାଟିରେ ପଢ଼ି ତାଙ୍କୁ ଶୁଣେଇବାକୁ ବି କହନ୍ତି। ସେଥିପାଇଁ ମୋର ପଢ଼ିବା ଅଭ୍ୟାସ ଅଛି। ସବୁଦିନ ସକାଳୁ ସବୁ ହେଡ୍‌ଲାଇନ୍ ପଢ଼ି ଶୁଣାଏ। ତା'ପରେ ମତେ ଯେଉଁ ଖବର ଭଲଲାଗେ ଅଧିକ ପଢ଼େ। ଯଦି ସକାଳେ ଖବରକାଗଜ ପଢ଼ିବାକୁ ସମୟ ହୋଇ ନ ଥାଏ ତା'ହେଲେ ସ୍କୁଲରୁ ଫେରିଲେ ଟିକେ ସମୟ ପଢ଼ିଦେବା ପାଇଁ ମାମା ବି ମନେ ପକେଇ ଦିଏ। ଏମିତିଭାବେ ଘରେ ସମସ୍ତେ ମିଶି ମତେ ଖବର କାଗଜ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରେଇଛନ୍ତି।



**– ସ୍ନେହାଶୀ ଦଳେଇ**, କ୍ଲାସ– ୫, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସଏସ୍ ନଗର, ଭୁବନେଶ୍ୱର

### ଖେଳ ଖବର ପଢ଼େ

ଘରକୁ ପେପର ଆସିବା ମାତ୍ରେ ଆଗ ମୁଁ ପଛ ପେଜ୍‌ରେ ଥିବା ଖେଳ ଖବର ଟିକେ ଦେଖିଦିଏ। ତା'ପରେ ଜେଜେଙ୍କୁ ଦେଇଦିଏ। ଜେଜେ ତ ପେପରରେ ଯାହା ଲେଖା ହୋଇଥାଏ ସବୁ ପଢ଼ନ୍ତି। ମୁଁ ସ୍କୁଲରୁ ଫେରିବା ପରେ ସବୁ କହନ୍ତି ଆଉ କେଉଁ ଖବର ମୁଁ ପଢ଼ିବା ଦରକାର ସେକଥା ବି କହନ୍ତି। ବିଶେଷକରି ମୁଁ ଜାଣିବା କଥା ଥିଲେ ଆଗ କହନ୍ତି ଆଜି ଏଇ ଖବରଟା ପଢ଼ ତା'ପରେ ଅନ୍ୟ କାମ କରିବୁ। ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସଚେତନତା ଖବର, ମୋବାଇଲ୍‌ର କୁପ୍ରଭାବ ସମ୍ପର୍କିତ ତଥା ବିଜ୍ଞାନ ସମ୍ପର୍କିତ ବିଭିନ୍ନ ଖବର ପଢିବାକୁ ସେ କହନ୍ତି। ଆଉ ସବୁଠୁ ବଡ଼ କଥା ହେଉଛି ଖବର ପଢ଼ିଲି କି ନାହିଁ ସେ ପୁଣି ପ୍ରଶ୍ନ ବି କରନ୍ତି। ତେଣୁ ସିଏ ଯାହା ପଢ଼ିବାକୁ କହିଥାନ୍ତି ତାହା ତ ନିଶ୍ଚୟ ପଢ଼େ। ଅନ୍ୟ ସବୁ ପୃଷ୍ଠା ପଢ଼ିବା ପାଇଁ ମତେ ସମୟ ନ ଥାଏ। କିନ୍ତୁ ଜେଜେ ଯେଉଁଦିନ ବାଧ୍ୟ କରନ୍ତି ତାଙ୍କୁ ସେସବୁ ଖବର ପଢି ଶୁଣାଏ।



**– ଶାଶ୍ୱତ ସ୍ୱାଇଁ**

କ୍ଲାସ–୯, ଡିପିଏସ୍ କଳିଙ୍ଗ, ନଖରା, କଟକ







୧

**ଅନିମେଶ ମିଶ୍ର**
କ୍ଲାସ- ୫, ଏଡୁକେୟାର ଇଂଲିଶ ମିଡିୟମ୍ ସ୍କୁଲ, ବାଣପୁର, ଖୋର୍ଦ୍ଧା



୨

**ପ୍ରୟାଗପ୍ରେମ୍ ରାୟ**
କ୍ଲାସ- ୪, ଫ୍ୟୁଚର ସ୍କୁଲ, ଭୁବନେଶ୍ୱର



୩

**ରିଶିମା ହଂସିନୀ**
କ୍ଲାସ- ୩, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର



୪

**ଶ୍ରେୟାଶ୍ରୀ ବିଶ୍ୱାସ**
କ୍ଲାସ- ୭, ଜେଆରଏସ୍ ପବ୍ଲିକ ସ୍କୁଲ, ପଶ୍ଚିମବଙ୍ଗ



୫

**ଘନିଶ କୁମାର ବେହେରା**
କ୍ଲାସ- ୧, ପବ୍ଲିକ ସ୍କୁଲ, ଛତ୍ରପୁର, ଗଞ୍ଜାମ



୬

**ପ୍ରୀତିରାଜ୍ ଦାସ**
କ୍ଲାସ-୫, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ନୂଆ ବଜାର, କଟକ



୭

**ଜିସାନ୍ତ ପଟ୍ଟନାୟକ**
କ୍ଲାସ- ୨, ବିଜେଇଏମ୍-୧ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର



୮

**ଆହିଲ ସାହୁ**
କ୍ଲାସ- ୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଦ୍ମପୁର, ବରଗଡ଼




୧



୨




୩




୪



୫



୬




୭



୮



# ମନ ଲଗାଇ ପଢ଼ିବି ପାଠ

ମନ ଲଗାଇ ପଢ଼ିବି ପାଠ
ହେବିନି ନିଜ କର୍ତ୍ତବ୍ୟେ ମଠ,
ବିଦ୍ୟାଳୟ ଅଟେ ପୁଣ୍ୟପୀଠ
ଜ୍ଞାନ ଦେଇ କରେ ଶାନ୍ତିଶିଷ୍ଟ।
ମାତାପିତା ମୋର ଦେବଦେବୀ
ତାଙ୍କ ଆଜ୍ଞାରେ ବାଟ ଚାଲିବି,
ତାଙ୍କୁ ମାନି ମୁଁ ସେବା କରିବି
ଆଶା ତାଙ୍କର ପୂର୍ଣ୍ଣ କରିବି।
ଗୁରୁଜନଙ୍କୁ ଦେଇ ସମ୍ମାନ
ସତ୍ୟ ନିଷ୍ଠା କରିବି ପାଳନ,
ଶ୍ରମ କରି ମୁଁ ଅର୍ଜିବି ଜ୍ଞାନ
ଗଢ଼ିବି ମୁହିଁ ମୋର ଜୀବନ।
ସାଙ୍ଗ ସାଥୀରେ ରହିବି ମିଶି
ବିନୟେ କହିବି ମୁଁ ହସି ହସି,
ମନୋଭାବକୁ ସ୍ପଷ୍ଟ ପ୍ରକାଶି
ସବୁରି ଖୁସିରେ ହେବି ଖୁସି।
ରଖିବି ସଦା ଆତ୍ମବିଶ୍ୱାସ
ହେବି ନାହିଁ ମୁଁ କେବେ ନିରାଶ,
ପ୍ରତିଭା ମୋର କରି ବିକାଶ
ଫୁଲ ସମ ବାଣ୍ଟିବି ସୁବାସ।

**– ନୂତନ କୁମାର ବେହେରା**
କୋହି, ବାରିପଦା, ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

# ଟିକି ଚଢ଼େଇ

ଟିକି ଚଢ଼େଇ ମୁଁ ଏକାକୀ ନିଇତି
ଆକାଶରେ ଉଡ଼ି ବୁଲେ,
ଆଣେ ନାହିଁ ଖୁଦ ବାଟରେ କିଏ ସେ
ଯାଚିକରି ମୋତେ ଦେଲେ।
ବିନା ପରିଶ୍ରମେ କାହାରିକୁ କିଛି
କେବେ ମୁଁ ଯେ ମାଗି ନାହିଁ,
ନିଜ ଉଦ୍ୟମରେ ଖାଦ୍ୟ ଯୋଗାଡ଼ରେ
ଲାଗିଥାଏ ସଦା ମୁହିଁ।
ଭୟ କରେନାହିଁ କାହାରିକୁ ଦିନେ
ସତପଥେ ଅଛି ବୋଲି,
ରାଇଜଟା ସାରା ଖୁସିରେ ବୁଲୁଛି
ଡେଣା ଦୁଇଟିକୁ ଖୋଲି।
ସାଙ୍ଗ ସାଥୀ କେହି ନ ଥିବାରୁ ମୋର
ଦୁଃଖ କରେ ନାହିଁ ମନ
ବୃକ୍ଷ ଲତା ସାଥେ ଗପି ଗପି ମୋର
ବିତେ ରାତି ଆଉ ଦିନ।
ମାଆ କହିଥିବା କଥାଗୁଡ଼ା ସବୁ
ପାଳନ କରୁଛି ନିତି,
ତେଣୁ ସଭିଙ୍କଠୁ ଅତି ସହଜରେ
ସବୁବେଳେ ଯାଏ ଜିତି।

**– ଡ. ଧୀରେନ୍ଦ୍ର କୁମାର ମଲ୍ଲିକ**
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬

# ଶୀତ ଯାଏ ଫେରି

ଶୀତ ଯାଏ ଛାଡ଼ି ଛାଡ଼ି
ଖରା ଆସେ ମାଡ଼ି ମାଡ଼ି
ଶୀତ ଯାଉଅଛି ବସନ୍ତ ଆସୁଛି
ରସାଳ ବଉଳ ବଢ଼ିଆ ବାସୁଛି।
ଦିନ ଯାଏ ବଢ଼ି ବଢ଼ି
ରାତି କମେ ଘଡ଼ି ଘଡ଼ି
ଉତ୍ତରା ପବନ ବିଦାୟ ନେଉଛି
ଦକ୍ଷିଣା ପବନ ଆନନ୍ଦ ଦେଉଛି
ପତ୍ର ଯାଏ ଝଡ଼ି ଝଡ଼ି।
ଶୀତ ଦିନ ଯାଉ ଯାଉ
ଶୀତ ବସ୍ତ୍ରଙ୍କର କମଇ ଆଦର
ଅଲୋଡ଼ା ହୁଅଇ ବିଛଣା ଚାଦର
ଉଷ୍ମ ଟିକେ ପାଉ ପାଉ।
ଶୀତ ଯାଏ ଫେରି ଫେରି
ଶୁଣେ କାନ ଡେରି ଡେରି
ପ୍ରାତଃଭ୍ରମଣରେ ଯାଏନାହିଁ ଯିଏ
ଏବେ ବାହାରଇ ରାତି ଥାଉ ସିଏ।

**– ନିରଞ୍ଜନ ସାହୁ**
ଗଁଦିଆ ପାଟଣା,ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩


## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# କ୍ୟାରିୟର ରେକର୍ଡ




ଭଲ କ୍ୟାରିୟର କିମ୍ବା ଅନ୍ୟ ସୁବିଧା ସୁଯୋଗ ଆଶାରେ ସମସ୍ତେ ଭିନ୍ନ ଭିନ୍ନ କମ୍ପାନୀ ସହ କାମ କରନ୍ତି। କିନ୍ତୁ ଆରମ୍ଭରୁ ଗୋଟିଏ କମ୍ପାନୀରେ ଗୋଟିଏ ଡେସ୍କରେ ସେଇ ସମାନ ପ୍ରକାରର କାମ କରି ଗିନିଜ୍ ରେକର୍ଡ କରିଛନ୍ତି ୟାସୁକୋ ତମକି। ଜାପାନର ଏହି ମହିଳା ଜଣକ ୨୬ ବର୍ଷ ବୟସରେ ସନ୍‌କୋ କମ୍ପାନୀରେ ପ୍ରଥମେ କାମ ଆରମ୍ଭ କରିଥିଲେ। ସେତେବେଳକୁ ତାହା ଏକ କ୍ଷୁଦ୍ର କମ୍ପାନୀଭାବେ ଉତ୍ପାଦନ ଆରମ୍ଭ କରିଥିଲା। ଧୀରେ ଧୀରେ କମ୍ପାନୀ ଅଧିକ ପ୍ରଡକ୍ସନ କରିଥିଲା ଓ ୟାସୁକୋଙ୍କର ମଧ୍ୟ ଦାୟିତ୍ୱ ବଢ଼ିଥିଲା। କିନ୍ତୁ ସେ ଅନ୍ୟ କୌଣସି ସ୍ଥାନକୁ ଯାଇ ନ ଥିଲେ। ତାଙ୍କର ମଧ୍ୟ ଅନ୍ୟ କେଉଁ ଡିପାର୍ଟମେଣ୍ଟକୁ ପରିବର୍ତ୍ତନ ହୋଇ ନ ଥିଲା କିମ୍ବା ଅଫିସ ଟାଇମ୍ ମଧ୍ୟ ବଦଳି ନ ଥିଲା। କମ୍ପାନୀର ନିୟମ ଅନୁସାରେ ସେ ୧୯୮୦ ମସିହା ବେଳକୁ ୬୦ ବର୍ଷ ମଧ୍ୟରେ ସେ ଅବସର ନେବା କଥା। କିନ୍ତୁ ନୂଆ ପିଲାଙ୍କୁ ତାଲିମ ଦେବାପାଇଁ କମ୍ପାନୀ ତାଙ୍କୁ ଅବସର ପରେ ବି କାମରେ ରଖିଥିଲା। କାମର ଅଭିଜ୍ଞତା ସହ ବିଶ୍ୱସ୍ତ କର୍ମଚାରୀ ହୋଇଥିବାରୁ କମ୍ପାନୀ ତାଙ୍କୁ ୯୧ ବର୍ଷ ବୟସରେ ବି କାମ କରିବାର ସୁଯୋଗ ଦେଇଛି। ପାଖାପାଖି ୭୦ ବର୍ଷ ଗୋଟିଏ ଅଫିସରେ କାମ କରିଥିବା ଯୋଗୁ ତାଙ୍କ ନାମ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି।

# ଏଥରର



- ରଘୁରାମ ରାଜନ କିଏ ?
- 'ହୋମ୍ ଆଣ୍ଡ ଦି ୱାର୍ଲ୍ଡ' କିଏ ଲେଖିଛନ୍ତି ?
- ଏମ୍‌ଡିଏଚ୍ ମସଲା କମ୍ପାନୀର ପ୍ରତିଷ୍ଠାତାଙ୍କ ନାମ ?
- 'ୟୁଟ୍ୟୁବ୍' କିଏ ଆରମ୍ଭ କରିଥିଲେ ?
- ୨୦୦୮ରେ କେଉଁ ଟିମ୍ ପ୍ରଥମେ ଆଇପିଏଲ୍ ବିଜେତା ହୋଇଥିଲା ?

# ଗତଥରର ଉ ତ୍ତ ର



- ଲର୍ଡ ଲୁଇସ୍ ମାଉଣ୍ଟବେଟେନ୍
- ୧୯୬୧
- ସ୍ୱିଜରଲାଣ୍ଡ
- ଆଫ୍ରିକା
- ୧୯୫୫ ଜୁଲାଇ ୧ ତାରିଖରେ

# କହିଲ ଦେଖି

ଶୀତଋତୁ ପରେ ଆସଇ ସେହି
ନାନା ଜାତି ପୁଷ୍ପେ ସଜେଇ ହୋଇ
ଗଛରେ କଅଁଳ ପତର ଦିଶେ
ଆମ୍ବ ବଉଳର ମହକ ଆସେ
ଋତୁ ମଧ୍ୟେ ଶ୍ରେଷ୍ଠ ସିଏ
ସେ ଆସିଲେ ଶୁଭେ କୋଇଲିର ଗୀତ
କୁହ ତା'ର ନାମ କିଏ !



**ଉତ୍ତର– ବସନ୍ତ ଋତୁ**

ମାଘ ଅନ୍ତ ହେଲେ ଫଗୁଣ ଆସେ
ଫୁଲଟିଏ ଗଛ ଡାଳରେ ହସେ
ସେ ଫୁଲର ବାସ ଭାରି ମଧୁର
କୁହୁଡ଼ି ଅଟେଇ ବଇରି ତା'ର
ସେ ଫୁଲରୁ ଜନ୍ମେ ଫଳର ରାଜା
ଖାଇଲେ ପାଟିକୁ ଲାଗଇ ମଜା
ରୂପ ତା'ର ମନୋହର
ନେଣ୍ଡା ନେଣ୍ଡା ହୋଇ ଡାଳରେ ଝୁଲଇ
କୁହ ଦେଖି ନାମ ତା'ର !



**ଉତ୍ତର– ଆମ୍ବ ବଉଳ**

ପକ୍ଷୀଟିଏ ରଙ୍ଗ କଳା ଧୂସର
ଗୀତ ଗାଏ ସିଏ ଭାରି ମଧୁର
ବସନ୍ତ ଆସିଲେ ସେ ଗୀତ ଗାଏ
ଜଗତବାସୀଙ୍କ ମନକୁ ମୋହେ
ଛୁପି ଛୁପି ସିଏ ଯାଏ
କୁଆର ବସାରେ ଅଣ୍ଡା ଦେଇଦିଏ
କୁହ ତା'ର ନାମ କିଏ !




**ଉତ୍ତର– କୋଇଲି**

ବସନ୍ତ ଆସିଲେ ସିଏ ଆସଇ
ଦକ୍ଷିଣ ଦିଗରୁ ଧୀରେ ବହଇ
ଦେହକୁ ଲାଗଇ ଭାରି ଶୀତଳ
ଝାଳ ବୋହୁଥିଲେ ଶୁଖେ ସଅଳ
ଦେହ ପାଇଁ ସିଏ ହିତ
ଖରା ପ୍ରକୋପରୁ ରକ୍ଷାକରେ ସିଏ
କୁହ ତା'ନାମଟି ମିତ !



**ଉତ୍ତର– ମଳୟ ପବନ**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା,ଜଗତ୍‌ସିଂହପୁର
ମୋ: ୭୩୫୫୬୭୩୪୨୪୬






# ପାଣି ଜାହାଜର ବେଗ

**ଗ**ମନାଗମନ ସହ ବିଭିନ୍ନ ଜିନିଷର ଆମଦାନୀ ଏବଂ ରପ୍ତାନୀ ନିମନ୍ତେ ସମୁଦ୍ରପଥ ହେଉଛି ଏକ ପ୍ରମୁଖ ମାଧ୍ୟମ। ଜାହାଜ ଦ୍ୱାରା ଏସବୁ କାମ ସମ୍ପାଦିତ ହୋଇଥାଏ। ତେବେ ଜାହାଜ ପାସେଞ୍ଜର ହେଉ ଅବା ମାଲପରିବହନ–ଏଗୁଡିକ ସମୁଦ୍ରର ନୀଳ ଜଳରାଶିରେ କେତେ ସ୍ପିଡ୍‌ରେ ଚାଲିଥାଏ, ସେସମ୍ପର୍କରେ ଜାଣିବାକୁ ତୁମମାନଙ୍କ ମନରେ ନିଶ୍ଚୟ ଉତ୍ସାହ ରହିଥିବ ! ତେବେ ଜାଣନ୍ତୁ ଏ ସମ୍ପର୍କରେ କିଛି କଥା। ବଡ କ୍ରୁଜ୍ ହେଉ କି କାର୍ଗୋ ଜାହାଜ ଏପରିକି ଶକ୍ତିଶାଳୀ ନୌସେନା ଜାହାଜ ପର୍ଯ୍ୟନ୍ତ ସବୁର ସ୍ପିଡ୍ ଏବଂ ଇଞ୍ଜିନ୍ ଅଲଗା ହୋଇଥାଏ। ଜାହାଜର ଗତି ମାପିବା ଲାଗି 'ନଟ୍' ନାମକ ଏକ ୟୁନିଟ୍ ବ୍ୟବହାର କରାଯାଏ। ଏହାକୁ ଏକ ଘଣ୍ଟା ହିସାବରେ ମପାଯାଏ। ଏକ ନଟ ଅର୍ଥ ୧.୮୫୨କି.ମି। କାର୍ଗୋ ଜାହାଜ ଏବଂ କଣ୍ଟେନର ଜାହାଜ ୧୮ରୁ ୨୪ ନଟ୍ ଗତିରେ ଚାଲିଥାଏ । ବ୍ଲାକ କ୍ୟାରିୟର ଏବଂ ତେଲ ଟ୍ୟାଙ୍କର ସାଧାରଣତଃ ୧୨ରୁ ୧୭ ନଟ୍ ଅର୍ଥାତ୍ ଅନ୍ୟ ଜାହାଜ ତୁଳନାରେ ଧୀର ଗତିରେ ଚାଲିଥାଏ। କ୍ରୁଜ୍ ଜାହାଜ ସାଧାରଣତଃ ୨୦–୨୫ ନଟ୍ ଗତିରେ ଚାଲେ।

# ସାପ୍ତାହିକ ଛୁଟି

**ସା**ଧାରଣତଃ ପ୍ରାୟ ଅନେକ ଦେଶରେ ରବିବାର ସାପ୍ତାହିକ ଛୁଟି ଦିନ ହୋଇଥାଏ। ହେଲେ ବିଶ୍ୱରେ ଏମିତି କିଛି ଦେଶ ରହିଛି ଯେଉଁଠି ରବିବାର ବ୍ୟତୀତ ଅନ୍ୟ ଦିନରେ ଛୁଟି ରୁହେ। ସେହିପରି ଏକ ଦେଶ ହେଉଛି ଆଫଗାନିସ୍ତାନ, ଯେଉଁଠି ଶୁକ୍ରବାର ଦିନ ସାପ୍ତାହିକ ଛୁଟି ରୁହେ। ଏହି ଦେଶରେ କାମ କରିବାର ଦିନ ଶନିବାରରୁ ଆରମ୍ଭ ହୋଇ ଗୁରୁବାର ପର୍ଯ୍ୟନ୍ତ ଚାଲେ। ସେହିପରି ଆଫ୍ରିକାର କିଛି ଭାଗରେ ମଧ୍ୟ ଶୁକ୍ରବାର ଦିନ ଛୁଟି ହୋଇଥାଏ। ଆଉ କେତେକ ଦେଶରେ ଶୁକ୍ରବାର ଦିନ ସାପ୍ତାହିକ ଛୁଟି ରହୁଥିବା ବେଳେ ରବିବାର ଦିନ ନିୟମିତ କାର୍ଯ୍ୟ କରିବାର ଦିନ ହୋଇଥାଏ। ସାଉଦୀ ଆରବ, କତାର, ଓମାନ, କୁଏତ୍, ଇରାକ୍, ଜୋର୍ଡାନ, ଲିବିୟା, ବାଂଲାଦେଶ, ମିଶର ଏବଂ ମାଳଦ୍ୱୀପ ଭଳି କେତେକ ଦେଶ ଏହି ନିୟମକୁ ଅନୁସରଣ କରିଥାନ୍ତି। ନେପାଳ ଏମିତି ଏକ ଦେଶ ଯେଉଁଠାରେ ସାପ୍ତାହିକ ଛୁଟି ଦିନ ଶନିବାର। ଏଠାରେ ସରକାରୀ ଅଫିସ୍, ବ୍ୟାଙ୍କ ଏବଂ ପ୍ରାଇଭେଟ ସଂସ୍ଥାର କାମ ରବିବାର ଆରମ୍ଭ ହୋଇ ଶୁକ୍ରବାର ପର୍ଯ୍ୟନ୍ତ ଚାଲିଥାଏ।






# ଜାଣିଛ କି

- ଅକ୍ଟୋପସର ତିନୋଟି ହୃତ୍‌ପିଣ୍ଡ ଅଛି। ଏହାର ରକ୍ତର ରଙ୍ଗ ନୀଳ।
- ଗୋଟିଏ ପ୍ରଜାପତି ତା' ଖାଦ୍ୟର ସ୍ୱାଦ କିପରି ଜାଣିପାରେ ? ସେ ନିଜ ପାଦ ଦ୍ୱାରା ଏ ବିଷୟରେ ସୂଚନା ପାଇଥାଏ।
- ଅଷ୍ଟ୍ରେଲିଆର ଜାତୀୟ ପଶୁ କଙ୍ଗାରୁ। ହେଲେ ଜାଣିଛ, ଏହି ପ୍ରାଣୀ କଦାପି ପଛକୁ ଚାଲି ପାରେ ନାହିଁ।
- ଚନ୍ଦ୍ରରେ ଆଦୌ ବାୟୁ ନ ଥିବାରୁ ସେଠାରେ ମହାକାଶଚାରୀଙ୍କର ପାଦ ଚିହ୍ନ ସେମିତି ରହିଥାଏ।
- ଜିରାଫ ଏକ ବିଚିତ୍ର ଜୀବ। ସୂର୍ଯ୍ୟ ଉତ୍ତାପରୁ ରକ୍ଷା ପାଇବା ପାଇଁ ତାହାର ଜିଭର ରଙ୍ଗ ହେଉଛି ଗାଢ଼ ପର୍ପଲ।
- ଗୋଟିଏ ଓଟପକ୍ଷୀର ଆଖି ତାହାର ମସ୍ତିଷ୍କ ଠାରୁ ବଡ।

# ବିଶ୍ୱରେ ବୃହତ୍ତମ

- ଆୟତନ ଅନୁସାରେ ବୃହତ୍ତମ ଦେଶ : ରୁଷିଆ
- ବୃହତ୍ତମ ମହାଦେଶ ଏସିଆ। ଏହାର କ୍ଷେତ୍ରଫଳ : ୪୪, ୫୭୯,୦୦୦ ବର୍ଗକିମି.
- ବିଶ୍ୱର ବୃହତ୍ତମ ମରୁଭୂମି ଆଣ୍ଟାର୍କଟିକା ମରୁଭୂମି। ଏହାର କ୍ଷେତ୍ରଫଳ : ୧୪,୨୦୦,୦୦୦ ବର୍ଗ କିମି
- ବୃହତ୍ତମ ଲାଇବ୍ରେରି : ଦ ଲାଇବ୍ରେରି ଅଫ କଂଗ୍ରେସ, ୱାଶିଙ୍ଗଟନ୍ ଡିସି, ଆମେରିକା
- ବୃହତ୍ତମ ସୋଲାର ପ୍ଲାଣ୍ଟ : ଟାଲାଟନ୍ ସୋଲାର ପାର୍କ, ଚାଇନା
- ଦୀର୍ଘତମ ରୋଡ୍ ଟନେଲ : ଲାଏଡାର୍ଲ ଟନେଲ,ନରୱେ (୨୪.୫୧ କି.ମି)



# ଆଇନା






ସମର୍ଥ ପଣ୍ଡା
୪ ବର୍ଷ/ ଭୁବନେଶ୍ୱର

ଶ୍ରୀୟାଶ୍ରୀ ବେହେରା
୧୨ ବର୍ଷ/ ନୂଆଦିଲ୍ଲୀ